## ନାଳରେ ଖସିପଡ଼ି ଚାଷୀ ମୃତ

ପଡ଼ିଆ,(ଡି.ଏନ.ଏ.): ଜମିକୁ ଚାଷ କରିବାକୁ ଯାଉଥିବା ବେଳେ ନାଳରେ ଖସି ପଡ଼ି ଜଣେ ଚାଷୀଙ୍କ ମୃତ୍ୟୁ ଘଟିଛି। ପଡିଆ ଥାନା ଅନ୍ତର୍ଗତ ମାଟେରୁ ପଞ୍ଚାୟତ ବାଟାଓ୍ଵାଡା ଗ୍ରାମର ଗଙ୍ଗା କବାସୀ(୩୫) ଗୁରୁବାର ସକାଳେ ଗୋରୁ ଧରି ଜମିକୁ ଚାଷ କରିବାକୁ ଯାଉଥିଲେ। ରାସ୍ତାରେ ଥିବା ଏକ ନାଳ ପାରହେବା ସମୟରେ ଭିତରକୁ ଖସି ପଡିଥିଲେ। ଏନେଇ ତାଙ୍କ ପୁତୁରା ମନୋଜ କବାସୀ ପଡ଼ିଆ ଥାନାରେ ଏତଲା ଦେଇଛନ୍ତି। ୧୪/୨୧ରେ ଏକ ଅପମୃତ୍ୟୁ ମାମଲା ରୁଜୁକରି ପୋଲିସ ମୃତଦେହ ବ୍ୟବଚ୍ଛେଦ ଲାଗି ପଡ଼ିଆ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଛି।

## ସଂକ୍ଷେପରେ

### ନାବାଳିକାଙ୍କୁ ବଳାତ୍କାର

ଚନ୍ଦାହାଣ୍ଡି, ୨୨।୭(ଡି.ଏନ୍.ଏ.): ଜଣେ ୯ ବର୍ଷୀୟା ନାବାଳିକାଙ୍କୁ ବଳାତ୍କାର କରାଯାଇଥିବା ଚନ୍ଦାହାଣ୍ଡି ଥାନାରେ ଅଭିଯୋଗ ହୋଇଛି। ପିଡିତାଙ୍କ ବାପାଙ୍କ ଏତଲା ଅନୁଯାୟୀ, ଗୋରଖାବନ୍ଧ ସାହିର ନୀଳ ଠେଲା (୨୪)ଙ୍କୁ ପୋଲିସ ପଚରାଉଚରା କରୁଛି। ନାବଳିକା ତାଙ୍କ ସାନ ଭଉଣୀ ସହ ଘରେ ଏକା ଥିବାବେଳେ ନୀଳ ସେଠାକୁ ଯାଇ ତାଙ୍କୁ ବଳାତ୍କାର କରିଥିଲେ। ଏହାପରେ ଘର ପାଖ ବିଲରେ କାମ କରୁଥିବା ନିଜ ମା'ଙ୍କୁ ନାବାଳିକା ଘଟଣା ସମ୍ପର୍କରେ ଜଣାଇଥିଲେ। ପରିବାର ଲୋକେ ଗାଁରେ ଏ ନେଇ ଜଣାଇଥିଲେ। ବୈଠକ ଡକାଯାଇ ଘଟଣାର ସମାଧାନ ପାଇଁ ଚେଷ୍ଟା କରାଯାଇଥିଲା। ସେଠାରେ ସମାଧାନ ନ ହେବାରୁ ଗୁରୁବାର ପୀଡ଼ିତାଙ୍କ ବାପା ଚନ୍ଦହାଣ୍ଡି ଥାନାରେ ଏତଲା ଦେଇଥିଲେ। ଏହାକୁ ଭିତ୍ତିକରି କେଶ୍ ନଂ ୯୩/୨୧ରେ ଏକ ମାମଲା ରୁଜୁ ହୋଇଛି ବୋଲି ଚନ୍ଦାହାଣ୍ଡି ଥାନାଧିକାରୀ ପ୍ରେମାନନ୍ଦ ସୁନାନି କହିଛନ୍ତି।

### ୧୧% ମହଙ୍ଗା ଭତ୍ତା ପ୍ରଦାନ ଦାବି

ନବରଙ୍ଗପୁର, ୨୨।୭(ବି.ପ୍ର.): ରାଜ୍ୟ ସରକାରୀ କର୍ମଚାରୀଙ୍କ ୧୧% ମହଙ୍ଗା ଭତ୍ତା ପ୍ରଦାନ କରିବାକୁ ଓଡିଶା ରାଜସ୍ୱ ଅମଲା ସଂଘ ଦାବି କରିଛି। ବିଭିନ୍ନ ଅତ୍ୟାବଶ୍ୟକ ସାମଗ୍ରୀର ଦିନକୁ ଦିନ ଦରବୃଦ୍ଧି ହେଉଛି। ସରକାରୀ କର୍ମଚାରୀମାନେ ଦୈନନ୍ଦିନ ଜୀବନରେ ଅନେକ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। କେନ୍ଦ୍ର ସରକାର କର୍ମଚାରୀଙ୍କ ପାଇଁ ୧୧% ମହଙ୍ଗା ଭତ୍ତା ପ୍ରଦାନ କରିବାକୁ ବିଜ୍ଞପ୍ତି ପ୍ରକାଶ ପାଇଛି। ତେଣୁ ରାଜ୍ୟ ସରକାର ମଧ ମହଙ୍ଗା ଭତ୍ତା ପ୍ରଦାନ କରନ୍ତୁ ବୋଲି ସଙ୍ଘ ଦାବି କରିଛି। ପ୍ରାୟ ଦେଢ଼ ବର୍ଷ ହେଲା ସରକାରୀ କର୍ମଚାରୀମାନେ ମହଙ୍ଗା ଭତ୍ତା ପାଇ ନ ଥିବାରୁ ଆର୍ଥିକ ଅନାଟନର ସମ୍ମୁଖୀନ ହେଉଛନ୍ତି। ମୁଖ୍ୟମନ୍ତ୍ରୀ ଏହି ଦାବିକୁ ବିଚାର କରି ୧୧ ପ୍ରତିଶତ ମହଙ୍ଗା ଭତ୍ତା ପ୍ରଦାନ କଲେ, ଓଡ଼ିଶାର ସମସ୍ତ ସରକାରୀ କର୍ମଚାରୀ ଉପକୃତ ହୋଇପାରିବେ ବୋଲି ସଂଘ ପକ୍ଷରୁ କୁହାଯାଇଛି।

### ମହିଳା ଚାଷୀ ସମ୍ମାନିତ



ଝରିଗାଁ, ୨୨।୭(ସ୍ୱ.ପ୍ର.): ନାବାର୍ଡର ୪୦ତମ ପ୍ରତିଷ୍ଠା ଦିବସରେ ଭୁବନେଶ୍ୱର ରାଜଭବନରେ ଭର୍ଚୁଆଲ ମାଧମରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ରାଜ୍ୟପାଳ ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିଲେ। ଏହି ଅବସରରେ ନବରଙ୍ଗପୁର ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପିଡି ରତ୍ନାକର ସାହୁ ଯୋଗଦାନ କରିଥିଲେ। ନବରଙ୍ଗପୁର ଜିଲା ଝରିଗାଁ ବ୍ଲକ କାନାକୋଟ ପଞ୍ଚାୟତ ଡୁମରପଦର ଗ୍ରାମର ମହିଳା ଚାଷୀ ଦୁର ଗଣ୍ଡଙ୍କୁ ଅଗ୍ରଣୀ ଚାଷୀ ଭାବେ ଜିଲାସ୍ତରରେ ମାନପତ୍ର ଦେଇ ସମ୍ମାନିତ କରାଯାଇଛି। ସୂଚନା ଅନୁଯାୟୀ, ହର୍ଷ ଟ୍ରଷ୍ଟ ସଂସ୍ଥା ଓ ଓ୍ୱାଡି ପ୍ରୋଜେକ୍ଟ ସହାୟତାରେ ଦୁର ୩ବର୍ଷ ପୂର୍ବରେ ଏକରେ ଜମିରେ ଡାଳିମ୍ବ, କାଜୁ ଚାଷ କରିଥିଲେ। ଉକ୍ତ ଜମିରୁ ସେ ବାର୍ଷିକ ପ୍ରାୟ ୫୦ହଜାର ଟଙ୍କା ରୋଜଗାର କରୁଛନ୍ତି। ଜିଲାସ୍ତରୀୟ କାର୍ଯ୍ୟକ୍ରମରେ ଏଲ୍‌ଡିଏମ୍ ସୁକୁମାର ବକ୍ସି, ବିକାଶ ଟିଗା, ଦେବାଶିଷ ପତି, ବିଜୟ କୁମାର ବେହେରା ପ୍ରମୁଖ ଉପସ୍ଥିତ ରହିଥିଲେ।

### ସାର ଗୋଦାମରେ ଚଢ଼ାଉ



ତେନ୍ତୁଲିଖୁଣ୍ଟି, ୨୨।୭(ଡି.ଏନ୍.ଏ.): ତେନ୍ତୁଲିଖୁଣ୍ଟି ବ୍ଲକରେ ବିଶେଷକରି ଇନ୍ଦ୍ରାବତୀ(ଖାଡିଗୁଡ଼ା) ଅଞ୍ଚଳରେ ସାର ଚଢ଼ା ଦରରେ ବିକ୍ରି କରାଯାଉଥିବା ସମ୍ପର୍କରେ ଧରିତ୍ରୀରେ ବୁଧବାର ଖବର ପ୍ରକାଶ ପାଇଥିଲା। ଗୁରୁବାର ବ୍ଲକ ସହକାରୀ କୃଷି ଅଧିକାରୀ ଅମିତ କୁମାର ମଲ୍ଲିକ ଏକ ଟିମ୍ ସହ ଫଟଗୁଡ଼ାର ମନିକଣ୍ଠା ସାର ବେପାରୀଙ୍କ ଗୋଦାମରେ ଚଢ଼ାଉ ସହ ରେକର୍ଡ ଯାଞ୍ଚ କରିଥିଲେ। ଏହାପରେ ତାଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରାଯାଇଛି। ସାତଦିନ ମଧରେ ଉତ୍ତର ଦେବାକୁ ନିର୍ଦ୍ଦେଶ ଦିଆଯାଇଛି। ଉକ୍ତ ଗୋଦାମରେ ସାର ସହ କୀଟନାଶକ କିଣିବାକୁ ବାଧ କରାଯାଉଥିବା ଅଭିଯୋଗ ହୋଇଥିଲା। ଏହାର ସତ୍ୟତା ଜଣାପଡ଼ିବା ପରେ ଗୋଦାମ ମାଲିକଙ୍କୁ ନୋଟିସ କରାଯାଇଛି। ପରେ ଗଣେଶ ସାର ଦୋକାନ ମଧ ଯାଞ୍ଚ କରାଯାଇ ଥିଲା। ରେକର୍ଡ ଓ ଷ୍ଟକ୍ ଠିକ୍ ରଖି ସରକାରୀ ମୂଲ୍ୟରେ ବିକ୍ରି ପାଇଁ ତାଗିଦ କରାଯାଇଛି।

# ୨୪ ଲକ୍ଷ ଟଙ୍କା ବକେୟା ବିଲ୍ ପୈଠ କରିନି ବିଏସ୍ଏନ୍ଏଲ୍

### ୪ ଦିନ ହେଲା ଇଣ୍ଟରନେଟ୍, ମୋବାଇଲ୍ ସେବା ଠପ୍

ରାୟଗଡ଼ା ଅଫିସ/ବିଷମକଟକ/ମୁନିଗୁଡ଼ା,୨୨।୭(ଡି.ଏନ୍.ଏ.)

ରାୟଗଡ଼ା ଜିଲାର ବିଭିନ୍ନ ବ୍ଲକ ଅଞ୍ଚଳରେ ୪ ଦିନ ହେଲା ବିଏସ୍ଏନ୍ଏଲ୍ ସେବା ବନ୍ଦ ରହିଛି। ଜିଲାର ମୁନିଗୁଡ଼ା, ବିଷମକଟକ, ଚନ୍ଦ୍ରପୁର ଏବଂ ଅମ୍ବାଦଳା ଅଞ୍ଚଳରେ ସେବା ବନ୍ଦ ରହିଥିବା ଜଣାପଡ଼ିଛି। ବିଏସ୍ଏନ୍ଏଲ୍ ପ୍ରାୟ ୨୪ଟି ଟାଓ୍ୱାର୍ ବାବଦକୁ ୨୪ ଲକ୍ଷ ଟଙ୍କାର ବକେୟା ବିଦ୍ୟୁତ୍ ବିଲ୍ ପୈଠ କରି ନ ଥିବାରୁ ବିଦ୍ୟୁତ୍ କାର୍ଯ୍ୟାଳୟ ପକ୍ଷରୁ ସେବା ବିଚ୍ଛିନ୍ନ କରାଯାଇଛି। ଏହି କାରଣରୁ ଏଭଳି ସମସ୍ୟା ଉପୁଜିଥିବା ଜଣାପଡ଼ିଛି। ଇଣ୍ଟରନେଟ ସେବ ବନ୍ଦ ଯୋଗୁ ଷ୍ଟେଟ ବ୍ୟାଙ୍କ ସମେତ ବିଭିନ୍ନ ବ୍ୟାଙ୍କ, ପୋଷ୍ଟ ଅଫିସ ସମେତ ସରକାରୀ ଓ ବେସରକାରୀ ଅନୁଷ୍ଠାନରେ ବିଏସ୍ଏନ୍ଏଲ୍ ସେବା ବନ୍ଦ ରହିଛି। ଫଳରେ ଲୋକେ ବହୁ ଅସୁବିଧା ଭୋଗୁଛନ୍ତି। ଏ ନେଇ ରାୟଗଡ଼ା ବିଏସ୍ଏନ୍ଏଲ୍‌ର ଏସ୍‌ଡିଓ ନରସିଂହ ମିଶ୍ର କହିଛନ୍ତି, ଏତେ ବଡ଼ ବକେୟା ନ ଥିଲା, ତଥାପି ବିଦ୍ୟୁତ୍ କାଟ ହୋଇଛି। ସେପଟେ ବିଦ୍ୟୁତ୍ ବିଭାଗର କାର୍ଯ୍ୟନିର୍ବାହୀ ଅଧିକାରୀ ନାରାୟଣ ନାୟକଙ୍କୁ ଯୋଗାଯୋଗ କରାଯାଇଥିଲେ ମଧ ସମ୍ଭବ ହୋଇନାହିଁ।

ବିଷମକଟକ ବ୍ଲକରେ ନେଟଓ୍ୱର୍କ ସେବା ଠପ୍ ନେଇ ବିଏସ୍ଏନ୍ଏଲ୍‌ର କନିଷ୍ଠ ଯନ୍ତ୍ରୀଙ୍କ ସହ ଯୋଗାଯୋଗ କରିଥିଲେ ମଧ ସେ ଫୋନ୍ ଗ୍ରହଣ କରି ନ ଥିଲେ। ତେବେ ବିଷମକଟକ ବିଦ୍ୟୁତ୍ ବିଭାଗରର କନିଷ୍ଠ ଯନ୍ତ୍ରୀ ଶିବ ପ୍ରସାଦ ଲେଙ୍କାଙ୍କୁ ପଚାରିବାରୁ ସେ କହିଛନ୍ତି, ବିଦ୍ୟୁତ୍ ବିଲ୍ ବକେୟା ରହିଥିବାବେଳ ବାରମ୍ବାର ଜଣାଇଲେ ମଧ ବିଏସ୍ଏନ୍ଏସ୍ ସଂସ୍ଥା କର୍ଣ୍ଣପାତ କରୁନାହିଁ। କନଷ୍ଠ ଯନ୍ତ୍ରୀ କଥାକୁ ଗୁରୁତର ସହ ନେଉ ନ ଥିବା ସେ କହିଛନ୍ତି। ବିଷମକଟକରେ ପ୍ରତେକ ଦିନ ୧୨ ହାଜରରୁ ୧୫ ହାଜର ନମ୍ବର ଚାଲୁଛି। ସେହିପରି ୨୦୦ରୁ ଊର୍ଦ୍ଧ୍ୱ ଘରୋଇ ଇଣ୍ଟରନେଟ ଉପଭକ୍ତା ଅଛନ୍ତି।

ଏ ନେଇ ମୁନିଗୁଡ଼ା ବିଦ୍ୟୁତ୍ ବିଭାଗର କନିଷ୍ଠ ଯନ୍ତ୍ରୀ ଏସ୍.ଆର୍.କେ. ସାହୁଙ୍କୁ ପଚାରିବାରୁ ସେ କହିଛନ୍ତି, ମୁନିଗୁଡା ସେକ୍ସନରେ ଦୀର୍ଘ ମାସ ହେଲା ପ୍ରାୟ ୫ ଲକ୍ଷ ଟଙ୍କାର ବିଦ୍ୟୁତ୍ ବିଲ୍ ବକେୟା ରହିଛି। ଏ ନେଇ ସମ୍ପୃକ୍ତ ବିଭାଗର ଉପରିସ୍ଥ ଅଧିକାରୀଙ୍କୁ ଅବଗତ କରାଯାଇଥିଲେ ମଧ ବିଲ୍ ପୈଠ ହୋଇନାହିଁ। ଫଳରେ ଉପରିସ୍ଥ ଅଧିକାରୀଙ୍କ ନିର୍ଦ୍ଦେଶରେ ବିଦ୍ୟୁତ୍ ସେବା ବନ୍ଦ କରାଯାଇଛି ବୋଲି ସେ କହିଛନ୍ତି। କରୋନା ସମୟରେ ପିଲାଙ୍କ ଅନ୍‌ଲାଇନ୍ ପାଠପଢ଼ା ସହ ଅନେକ ସ୍ଥାନରେ ଅଫିସ କାମ ମଧ ଅନ୍‌ଲାଇନ୍ ଚାଲିଛି। ଏଭଳି ପରିସ୍ଥିତିରେ ଇଣ୍ଟରନେଟ ସେବା ବନ୍ଦ ଯୋଗୁ ଲୋକେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସେହିପରି ଜରୁରୀ ସମୟରେ ଆମ୍ବୁଲାନ୍ସକୁ ମଧ ଲୋକେ ଯୋଗାଯୋଗ କରିବା ସମ୍ଭବ ହେଉନି। ବିଦ୍ୟୁତ୍ ବିଲ୍ ପୈଠ ନ କରି ସେବା ବ୍ୟାହତ ହେବା ଘଟଣାକୁ ଜନସାଧାରଣ ଏବଂ ବୁଦ୍ଧିଜୀବୀ ଅସନ୍ତୋଷ ପ୍ରକାଶ କରିଛନ୍ତି।

# ଡାକ୍ତରଖାନା, ଗାଁରେ ଟିକାକରଣ ବ୍ୟବସ୍ଥା ଯାଞ୍ଚ



ଫଲସାପଡା ଟିକାକରଣ କେନ୍ଦ୍ରରେ ଡବ୍ଲ୍ୟୁଏଚ୍‌ଓ ପ୍ରତିନିଧି ଦଳ।

### ଡବ୍ଲ୍ୟୁଏଚ୍‌ଓ ପ୍ରତିନିଧି ଦଳଙ୍କ ଚନ୍ଦାହାଣ୍ଡି ଗସ୍ତ

ଚନ୍ଦାହାଣ୍ଡି, ୨୨।୭(ଡି.ଏନ୍.ଏ.)

ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ (ଡବ୍ଲ୍ୟୁଏଚ୍‌ଓ)ର ମନୋଜ କୁମାର ବେନିଆଙ୍କ ନେତୃତ୍ୱରେ ଏକ ଟିମ ଚନ୍ଦାହାଣ୍ଡି ବ୍ଲକ ଗସ୍ତ କରିଥିଲେ। ସେମାନେ ଚନ୍ଦାହାଣ୍ଡି ବ୍ଲକର ବିଭିନ୍ନ ଗ୍ରାମ ଓ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଯାଇ କୋଭିଡ-୧୯ ଟୀକାକରଣ କିପରି ଚାଲିଛି ତାହା ଯାଞ୍ଚ କରିଥିଲେ ଏଥିସହ ସ୍ଥାନୀୟ ଫଲସାପଡାରେ ଚାଲିଥିବା ଟୀକାକରଣ କେନ୍ଦ୍ରକୁ ଯାଇ ଟୀକା ନେଉଥିବା ଲୋକଙ୍କ ସ୍ୱାସ୍ଥ୍ୟବସ୍ଥା ସମ୍ପର୍କରେ ପଚାରି ବୁଝିଥିଲେ।

ଜିଲା ସ୍ୱାସ୍ଥ୍ୟ ବିଭାଗର ନିର୍ଦ୍ଦେଶ କ୍ରମେ ଚନ୍ଦାହାଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଭାରପ୍ରାପ୍ତ ଚିକିତ୍ସାଧିକାରୀ ଡାକ୍ତର ସଂଗ୍ରାମ କେଶରୀ ସାହୁଙ୍କ ତତ୍ତ୍ୱାବଧାନରେ କରୋନା ରୋଗୀଙ୍କୁ ଚିକିତ୍ସା ସେବା ଓ ଟିକାକରଣ କରାଯାଉଛି। ସେ ସବୁର ପରିଚାଳନା ପାଇଁ ୩ଟି ରାପିଡ୍ ରେଶପନ୍ସ ଟିମ(ଆର୍‌ଆର୍‌ଟି) ଗଠନ କରାଯାଇଛି। ଡବ୍ଲ୍ୟୁଏଚ୍‌ଓ ପ୍ରତିନିଧି ଟୀକାକରଣ ସମ୍ପର୍କରେ ଯାଞ୍ଚ କରି ଖୁସି ବ୍ୟକ୍ତ କରିଥିଲେ। ଡବ୍ଲ୍ୟୁଏଚ୍‌ଓ ଟିମ୍ ଗସ୍ତବେଳେ ଆର୍‌ଆର୍‌ଟିର ଡାକ୍ତର ବସନ୍ତ କୁମାର ଷଡଙ୍ଗୀ (ଆୟୁଷ),ଫାର୍ମାସିଷ୍ଟ ରମେଶ ଦାସ, ସ୍ୱାସ୍ଥ୍ୟ କର୍ମୀ କୁନି ଜଗତ, ସମସ୍ତ ଆଶା ଓ ଅଙ୍ଗନଓ୍ୱାଡି କର୍ମୀ ଉପସ୍ଥିତ ଥିଲେ ବୋଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପୋଗ୍ରାମ ମ୍ୟାନେଜର ସୁଦୀପ୍ତ ରାଉତ ସୂଚନା ଦେଇଛନ୍ତି।

# ପ୍ରତ୍ୟେକ ପିଲାଙ୍କ ସାମଗ୍ରିକ ବିକାଶକୁ ଗୁରୁତ୍ୱ

### ପ୍ରାଥମିକ ସ୍କୁଲ ପିଲାଙ୍କୁ ପଢ଼ାଉଛନ୍ତି ଗୋଷ୍ଠୀ ଶିକ୍ଷା ଓ ପ୍ରଶିକ୍ଷଣ ଅନୁଷ୍ଠାନ ପ୍ରଶିକ୍ଷାର୍ଥୀ

ଉମରକୋଟ, ୨୨।୭(ସ୍ୱ.ପ୍ର.)

କରୋନା ପାଇଁ ଏବେ ସ୍କୁଲ ବନ୍ଦ। ପିଲାଙ୍କୁ ଅନ୍‌ଲାଇନରେ ପାଠପଢାଯାଉଛି। କିନ୍ତୁ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ବିଭିନ୍ନ କାରଣ ଯଥା ନେଟ୍‌ଓ୍ୱର୍କ, ବିଦ୍ୟୁତ୍ ସମସ୍ୟା ଯୋଗୁ ଏହି ସୁବିଧା ସେଠକାର ପିଲାମାନଙ୍କୁ ମିଳିପାରୁନାହିଁ। ଏହା ଭିତରେ ପ୍ରାଥମିକ ପିଲାଙ୍କ ବିକଳ୍ପ ଶିକ୍ଷାଦାନ ପାଇଁ ନବରଙ୍ଗପୁର ଜିଲା ଉମରକୋଟ ବ୍ଲକସ୍ଥିତ ଗୋଷ୍ଠୀ ଶିକ୍ଷା ଓ ପ୍ରଶିକ୍ଷଣ ଅନୁଷ୍ଠାନର ଛାତ୍ରୀଛାତ୍ରଙ୍କୁ ନିୟୋଜିତ କରାଯାଉଛି। ସେମାନେ ବ୍ଲକର ବିଭିନ୍ନ ପ୍ରାଥମିକ ସ୍କୁଲର ପିଲାଙ୍କୁ ପାଠ ପଢାଉଛନ୍ତି।

ରାଜ୍ୟ ସରକାରଙ୍କ ବିଦ୍ୟାଳୟ ଓ ଗଣଶିକ୍ଷା ଗବେଷଣା, ପ୍ରଶିକ୍ଷଣ ପରିଷଦଙ୍କ ନିର୍ଦ୍ଦେଶକ୍ରମେ ଉମରକୋଟ ସ୍ଥାନୀୟ ଗୋଷ୍ଠୀ ଶିକ୍ଷା ଓ ପ୍ରଶିକ୍ଷଣ ଅନୁଷ୍ଠାନରେ ତାଲିମରତ ପରୀକ୍ଷାର୍ଥୀଙ୍କ ଦ୍ୱାରା ଅଲ୍‌ଟରନେଟିଭ ଇଣ୍ଟର୍ନଶପ ପ୍ରୋଗ୍ରାମ ଆରମ୍ଭ କରାଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ଅନୁଷ୍ଠାନର ପ୍ରଥମ ବର୍ଷର ୯୬ ଓ ଦ୍ୱିତୀୟ ବର୍ଷର ୮୭ ପ୍ରଶିକ୍ଷାର୍ଥୀ ନିଜ ଗ୍ରାମର ୧ମରୁ ୫ମ ଶ୍ରେଣୀର ମୋଟ ୧୭୭୯ ଜଣ ଛାତ୍ରୀଛାତ୍ରଙ୍କୁ କୋଭିଡ୍ କଟକଣାରେ ପାଠପଢାଇବା ଆରମ୍ଭ କରିଛନ୍ତି। ୧୫ ଜୁଲାଇରୁ ଚାଲିଥିବା ଏହି କାର୍ଯ୍ୟକ୍ରମ ଅକ୍ଟୋବର ୧୦ ପର୍ଯ୍ୟନ୍ତ କରାଯିବ ବୋଲି ଅନୁଷ୍ଠାନର ଭାରପ୍ରାପ୍ତ ଅଧକ୍ଷ ପ୍ରଫୁଲ୍ଲ କୁମାର ରାଉତ ସୂଚନା ଦେଇଛନ୍ତି। ବିକଳ୍ପ ଶିକ୍ଷା ଦାନ କାର୍ଯ୍ୟକ୍ରମରେ ଅନୁଷ୍ଠାନର ପ୍ରତ୍ୟେକ ପ୍ରଶିକ୍ଷାର୍ଥ ପିଲାମାନଙ୍କ ସାମଗ୍ରିକ ବିକାଶ ବିଶେଷ ଭାବେ ଭାଷା ଶିକ୍ଷା ଓ ଗଣିତ ଉପରେ ଗୁରୁତ୍ୱ ଦେଉଛନ୍ତି। ଏଥିସହ ଯୋଗ ବ୍ୟାସ, ମନ୍ତ୍ର ଉଚ୍ଚାରଣ, ଗଳ୍ପ କଥନ ଓ ଲିଖନ, କବିତା ଆବୃତ୍ତି ଓ ଲିଖନ, ବ୍ୟକ୍ତିଗତ ଅଭିନୟ, ଆସନ ପ୍ରାଣାୟାମ, ଚିତ୍ରାଙ୍କନ, କୁଇଜ୍, ଶୁଦ୍ଧ ଲିଖନ, ରଚନା ଲିଖନ, ପତ୍ର ଲିଖନ ସହ ପ୍ରତିଯୋଗିତାମୂଳକ କାର୍ଯ୍ୟକ୍ରମ କରାଯାଉଛି। ଏହାର ସଫଳ ରୂପାୟନ ପାଇଁ ଅନୁଷ୍ଠାନ ଭାରପ୍ରାପ୍ତ ଅଧକ୍ଷ ପ୍ରଫୁଲ୍ଲ କୁମାର ରାଉତ, ପ୍ରଶିକ୍ଷକ ପରୀକ୍ଷିତ ସାହୁ, ମିତର କୁମାର ଶର୍ମା, ସନ୍ତୋଷ କୁମାର ନାୟକ ପ୍ରମୁଖ ପ୍ରଶିକ୍ଷାର୍ଥୀଙ୍କୁ ସହଯୋଗ କରୁଛନ୍ତି।



ଏକ ଶ୍ରେଣୀ ଗୃହରେ ଉପସ୍ଥିତ ଛାତ୍ରୀଛାତ୍ର।



କୋରାପୁଟ ଶାବର ଶ୍ରୀକ୍ଷେତ୍ରରେ ରତ୍ନ ସିଂହାସନକୁ ବିଜେ କରିଥିବା ତିନି ଠାକୁର।

## ରତ୍ନ ସିଂହାସନକୁ ବିଜେ କଲେ ତିନିଠାକୁର

ନବରଙ୍ଗପୁର, ୨୨।୭ (ବି.ପ୍ର.)

ଘୋଷ ଯାତ୍ରା ସାରି ରତ୍ନସିଂହାସନକୁ ବିଜେ କରିଛନ୍ତି ତିନି ଠାକୁର। ଗୁରୁବାର ଶ୍ରୀଜୀଉଙ୍କ ସନ୍ଧ୍ୟା ଆଳତୀ ପରେ ନିଳାଦ୍ରୀ ବିଜେ ନୀତି ବଢିଥିଲା। ସୀମିତ ସେବାୟତଙ୍କ ଦ୍ୱାରା ନିର୍ମାଣ କମିଟି, ଶ୍ରୀ ଜଗନ୍ନାଥ ନୀତି ପରିଚାଳନା ନିଯୋଗ ଏବଂ ମା' ଭଣ୍ଡାରଘରଣୀ କର୍ମକାଣ୍ଡ ବିଦ୍ୟାଳୟର ପରିଚାଳନାରେ ଏହି ନୀତି ସମ୍ପନ୍ନ ହୋଇଛି। ଶ୍ରୀଜୀଉଙ୍କ ନବ ଦିନାତ୍ମକ ଯାତ୍ରାର ସମସ୍ତ ନୀତି ରାଜପୁରୋହିତ ନରସିଂହ ନାଥ ତ୍ରିପାଠୀଙ୍କ ତତ୍ତ୍ୱାବଧାନରେ କରାଯାଇଛି। ଦେବୋତ୍ତର ବିଭାଗ ନିର୍ବାହୀ ଅଧିକାରୀ ରବିନ୍ଦ୍ର ରାଉତ, ସଭାପତି ସୁବାଷ ଚନ୍ଦ୍ର ସୁର, ଗଗନ ସୌରା, ନବରଙ୍ଗପୁର ଆର୍‌ଆଇ ଜୟଦେବ ପ୍ରଧାନୀ, ନିର୍ମାଣ କମିଟି ସଭାପତି ନରସିଂହ ତ୍ରିପାଠୀ, ସମ୍ପାଦକ ସତ୍ୟବାଦୀ ଷଡଙ୍ଗୀ, ପୂଜକ ଶେଷ ବ୍ରହ୍ମା, ଜଗନ୍ନାଥ ବ୍ରହ୍ମା, ଦେବୀ ନାୟକ, ପୂଜକ ରବିନ୍ଦ୍ର ଶତପଥୀ, ସୁଧାକର ପାଢ଼ୀ, ବାବୁଲା ତ୍ରିପାଠୀ, ତ୍ରୟନାଥ ତ୍ରିପାଠୀ, ସୁମିତ ହଡପ, ପପୁ ତ୍ରିପାଠୀ, ସୁମିତ ପାଳ, ଶ୍ରୀ ଜଗନ୍ନାଥ ନୀତି ପରିଚାଳନା ନିଯୋଗ ସଭାପତି ନରେଶ ତ୍ରିପାଠୀ, ଉପସଭାପତି ଭବାନୀ ଶଙ୍କର ଶତପଥୀ, ସମ୍ପାଦକ କୁନା ପାତ୍ର, ପ୍ରୋମିଶ ତ୍ରିପାଠୀ, ଦୁର୍ଗା ତ୍ରିପାଠୀ, ମିଟୁ ଶତପଥୀ, ମଣ୍ଟୁ ଆଚାର୍ଯ୍ୟ, ଜଗା ଦାସ ଓ ଚିନା ନାଇଡୁ ପ୍ରମୁଖ ଉପସ୍ଥିତ ଥିଲେ।

## ୫୨ କେଜି ଗଞ୍ଜେଇ ଜବତ, ୨ ଗିରଫ

ମାଲକାନଗିରି,୨୨।୭(ଡି.ଏନ.ଏ.)

ମାଲକାନଗିରି-ମୋଟୁ ରାସ୍ତାରେ ବୁଧବାର ଗାଡ଼ିମୋଟର ଯାଞ୍ଚବେଳେ ଗଞ୍ଜେଇ ଚୋରାଚାଲାଣକୁ ପୋଲିସ ଧରିଛି। ଏଥିରେ ଚିତ୍ରକୋଣ୍ଡା ବେନିଆଗୁଡାର ପବିତ୍ର ବେନିଆ ଏବଂ ମାଲକାନଗିରି ଥାନା ଅଧୀନ ଏମ୍‌ଭି-୮ ଗ୍ରାମର ଆକାଶ ବିଶ୍ୱାସଙ୍କୁ ଗିରଫ କରାଯାଇଛି। ସେମାନଙ୍କଠାରୁ ୪ଟି ମୋବାଇଲ ଏବଂ ୯୫୦୦ ଟଙ୍କା ଜବତ ହୋଇଥିବା ଥାନା ଅଧିକାରୀ ରାମପ୍ରସାଦ ନାଗ କହିଛନ୍ତ। ଶିଖପାଲ୍ଲୀ ଛକଆଡୁ ଦ୍ରୁତ ଗତିରେ ଆସୁଥିବା ଏକ ସ୍କୋର୍ପିଓକୁ ଅଟକାଇ ଯାଞ୍ଚ କରିବାରୁ ସେଥିରେ ଗଞ୍ଜେଇ ଯାଉଥିବା ଧରାପଡିଥିଲା। ଜବତ ଗଞ୍ଜେଇ ୫୨ କେଜି ୫୦୦ ଗ୍ରାମ୍ ବୋଲି ଜଣାପଡିଛି। ଏହି ଗଞ୍ଜେଇ ଚିତ୍ରକୋଣ୍ଡା ଅଞ୍ଚଳରୁ ଛତିଶଗଡକୁ ଚାଲାଣ ହେଉଥିଲା।

## ୧୩ ଲକ୍ଷ ଟଙ୍କାର ଗଞ୍ଜେଇ ଜବତ, ୧ ଗିରଫ

### କୋରାପୁଟରୁ ଖୋର୍ଦ୍ଧା ଚାଲାଣ ହେଉଥିଲା

ରାୟଗଡ଼ା ଅଫିସ,୨୨।୭

କୋରାପୁଟ ଜିଲାରୁ ଖୋର୍ଦ୍ଧା ଜିଲାକୁ ଗଞ୍ଜେଇ ଚାଲାଣବେଳେ ରାୟଗଡ଼ା ଜିଲା ଅବକାରୀ ବିଭାଗ ପକ୍ଷରୁ ୧୩ ଲକ୍ଷ ଟଙ୍କାର ଗଞ୍ଜେଇ ଜବତ କରାଯାଇଛି। ଏହି ମାମଲାରେ ଜଣେ ଗିରଫ ହୋଇଛନ୍ତି। ସେ ହେଲେ ସୁରେଶ ସାହୁ। ସୂଚନା ଅନୁଯାୟୀ, ଗଞ୍ଜେଇ ଚୋରାଚାଲାଣ ନେଇ ସୂଚନା ପାଇ ବୁଧବାର ରାତିରେ ରାୟଗଡ଼ା ସଦର ଅବକାରୀ ଥାନା ଓଆଇସି ସୂର୍ଯ୍ୟନାରାୟଣ ରଥଙ୍କ ନେତୃତ୍ୱରେ ଟିମ୍ ରାୟଗଡ଼ା ସହରସ୍ଥିତ ରିଲାଏନ୍ସ ପେଟ୍ରୋଲ ପମ୍ପ ସମ୍ମୁଖ ୩୨୬ ନଂ. ଜାତୀୟ ରାଜପଥସ୍ଥିତ ପୋଲିସ ନାକା ପଏଣ୍ଟଠାରେ ଉପସ୍ଥିତ ରହି ଯାଞ୍ଚ କରିଥିଲେ। ଏହି ସମୟରେ ସନ୍ଦେହରେ ଏକ ବୋଲେରୋ(ଓଡି ୦୨ ଏଫ୍ ୭୭୫୪)କୁ ଅଟକାଇଥିଲେ। ଯାଞ୍ଚବେଳେ ସେଥିରୁ ୨ କୁଇଣ୍ଟାଲ ୪୫୦ ଗ୍ରାମ୍ ଗଞ୍ଜେଇ ମିଳିଥିଲା। ବିଭାଗ ପକ୍ଷରୁ ଗଞ୍ଜେଇ ଏବଂ ଗାଡ଼ି ଜବତ କରାଯାଇଛି। ସେହିପରି ଅଭିଯୁକ୍ତ ସୁରେଶଙ୍କୁ ନେଇ ପଚରାଉଚରାବେଳେ ଗଞ୍ଜେଇ କୋରାପୁଟ ଜିଲା ନନ୍ଦପୁର ଅଞ୍ଚଳରୁ ଚାଲାଣ ହେଉଥିବା ସେ ସ୍ୱୀକାର କରିଥିବା ରାୟଗଡ଼ା ଅବକାରୀ ଅଧୀକ୍ଷକ ପ୍ରସନ୍ନ କୁମାର ନାୟକ ସୂଚନା ଦେଇଛନ୍ତି। ଏ ନେଇ ସଦର ଅବକାରୀ ଥାନାରେ ୧୧୦/୨୧ ରେ ଏକ ମାମଲା ରୁଜୁ ହୋଇଛି। ଗଞ୍ଜେଇ ଜବତ ବେଳେ ଏସ୍‌ଆଇ ନିମାଇଁ ଚରଣ ମିଶ୍ର, ଦୀନବନ୍ଧୁ ସିରା, କନଷ୍ଟେବଳ ସୁଶାନ୍ତ କୁମାର ମହାପାତ୍ର, କରୁଣାକର ପାତ୍ର, ଅମର କୁମାର ଦଳେଇ, ପି. ଆପାୟା, କମଳା କୁମାରୀ ମହାଙ୍କୁଡ଼, ସନ୍ଦୀପ ପାତ୍ର ଓ ଈଶ୍ୱର କାଡ୍ରକା ଉପସ୍ଥିତ ଥିଲେ।

## ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଚଞ୍ଚକତା ଅଭିଯୋଗ

ଗୁଣପୁର,୨୨।୭(ଡି.ଏନ୍.ଏ.)

ରାୟଗଡ଼ା ଜିଲା ଗୁଣପୁର ବ୍ଲକ ଶିରିଝୋଲି ପଞ୍ଚାୟତର କେତେକ ଗ୍ରାମରେ ପ୍ରଧାନମନ୍ତ୍ରୀ ଅବାସ ଯୋଜନାରେ ଚଞ୍ଚକତା କରାଯାଇଥିବା ଅଭିଯୋଗ ହୋଇଛି। ଏହାକୁ ନେଇ ଗୁରୁବାର ଭାଜପାର ଏକ ପ୍ରତିନିଧି ଦଳ ବିଡିଓ ଶାନ୍ତିପ୍ରଭା ପ୍ରଧାନଙ୍କୁ ଭେଟି ଜଣାଇଛନ୍ତି। ପ୍ରଧାନମନ୍ତ୍ରୀ ଆବାସ ଯୋଜନାର ନାମ ଫଳକ ଉପରେ ଇନ୍ଦିରା ଆବାସ ଯୋଜନା ଏବଂ ବିଜୁ ପକ୍କାଘର ଯୋଜନାର ଫଳକ ଲଗାଯାଇଥିବା ଅଭିଯୋଗ ହୋଇଛି। କିଛି ହିତାଧିକାରୀଙ୍କ ଘରେ ଲେଖାଯାଇଥିବା ପ୍ରଧାନମନ୍ତ୍ରୀ ଆବାସ ଯୋଜନାକୁ ଲିଭାଇ ଦିଆଯାଇଥିବାବେଳେ ଆଉ କେତେକ ସ୍ଥାନରେ ସେହି ସ୍ଥାନରେ ଖୋଳି ଇନ୍ଦିରା ଆବାସ ଓ ବିଜୁ ପକ୍କାଘର ଫଳକ ଲଗାଯାଇଛି। ଏପରି କାର୍ଯ୍ୟ କାହିଁକି ଏବଂ କାହା ନିର୍ଦ୍ଦେଶରେ କରାଯାଇଛି ତାହାର ଉତ୍ତର ରଖିବାକୁ ଦଳ ପକ୍ଷରୁ ଦାବି ହୋଇଛି। ଭାଜପା ନେତା ୱାଇ. ଗଣପତି, ଜଗନ୍ନାଥପୁର ମଣ୍ଡଳ ସଭାପତି ପୃଥ୍ୱୀରାଜ ପାଢ଼ୀ, ଅମର ସାହୁ, ଟିଙ୍କୁ ପଣ୍ଡା ପ୍ରମୁଖ ବିଡିଓଙ୍କୁ ଭେଟି ଏ ନେଇ ଜଣାଇବା ସହ ପ୍ରଶାସନ ଏପରି କାର୍ଯ୍ୟରୁ ନିବୃତ୍ତ ନ ରହିଲେ ଆଗାମୀ ଦିନରେ ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦେଇଛନ୍ତି।



ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଘରେ ଇନ୍ଦିରା ଆବାସ ଏବଂ ବିଜୁ ପକ୍କାଘର ଷ୍ଟିକର ଲାଗିଛି।

## ରେଳମନ୍ତ୍ରୀଙ୍କୁ ଦାବି ଜଣାଇଲେ ଏମ୍‌ପି

ନବରଙ୍ଗପୁର,୨୨।୭(ବି.ପ୍ର.)

ନବରଙ୍ଗପୁର ଏମ୍‌ପି ରମେଶ ଚନ୍ଦ୍ର ମାଝି ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ ଗୁରୁବାର ଭେଟିଛନ୍ତି। ଜୟପୁର-ନବରଙ୍ଗପୁର ରେଳ ପ୍ରକଳ୍ପ କାର୍ଯ୍ୟ ଶୀଘ୍ର ସାରିବାକୁ ସେ ନିବେଦନ କରିଛନ୍ତି। ଏ ନେଇ ରେଳମନ୍ତ୍ରୀଙ୍କୁ ଏକ ପତ୍ର ପ୍ରଦାନ କରିଛନ୍ତି। ସାଧାରଣ ଲୋକଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ଜମି ଅଧିଗ୍ରହଣ ସହ କାର୍ଯ୍ୟକୁ ତ୍ୱରାନ୍ୱିତ କରିବାକୁ ଉକ୍ତ ପତ୍ରରେ ଉଲ୍ଲେଖ ରହିଛି। ଶୀଘ୍ର କାମ ହେଲେ ଅଞ୍ଚଳବାସୀ ଉପକୃତ ହୋଇ ପାରିବେ ବୋଲି ଉକ୍ତ ପତ୍ରରେ ଉଲ୍ଲେଖ ରହିଛି।



ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ(ଡାହାଣ)ଙ୍କ ସହ ନବରଙ୍ଗପୁର ଏମ୍‌ପି ରମେଶ ମାଝି(ମଝି)।

# ବଡ଼ନାଳ ଜଳଭଣ୍ଡାରରୁ ଚାଷଜମିକୁ ଛଡ଼ାଗଲା ପାଣି

### ଚାଷୀଙ୍କ ମୁହଁରେ ଫୁଟିବ ହସ

ପଦ୍ମପୁର,୨୨।୭(ଡି.ଏନ୍.ଏ.)

ଖରିଫଋତୁରେ ଚାଷୀଙ୍କ ଜମିକୁ ଜଳସେଚନର ସୁବିଧା ପାଇଁ ରାୟଗଡ଼ା ଜିଲା ପଦ୍ମପୁର ବ୍ଲକ କେନ୍ଦୁଗୁଡ଼ା ବଡ଼ନାଳ ଜଳଭଣ୍ଡାରରୁ ଗୁରୁବାର ପାଣି ଛଡ଼ାଯାଇଛି। ସକାଳେ ପୂଜାର୍ଚ୍ଚନା ପରେ କେନାଲ ମାଧ୍ୟମରେ ପାଣି ଛଡ଼ାଯାଇଛି। ଏହାଦ୍ୱାରା ସମସ୍ତ ଚାଷଜମିକୁ ସୁବିଧାରେ ପାଣି ପହଞ୍ଚିପାରିବ। ଜଳଭଣ୍ଡାରରୁ ପାଣି ଛଡ଼ାଯିବା ସମୟରେ ପଦ୍ମପୁର ତହସିଲଦାର ଏବଂ ବଡ଼ନାଳ ମଧମ ଜଳସେଚିତ ପ୍ରକଳ୍ପର ଏଇଇ ସ୍ୱରାଜ୍ୟ କୁମାର ନାୟକ ଉପସ୍ଥିତ ଥିଲେ। ଚଳିତ ବର୍ଷ ମୌସୁମୀ ବର୍ଷା ଭଲ ନ ଥିବାରୁ ସ୍ଥାନୀୟ ଅଞ୍ଚଳର ଚାଷୀ ଚାଷକାମ ଠିକ୍ ଭାବେ ଆରମ୍ଭ କରିପାରୁ ନ ଥିଲେ। ତେବେ କେନାଲ ମାଧମରେ ପାଣି ଛଡ଼ାଯାଇଥିବାରୁ ଏବେ ଚାଷୀ ଠିକ୍‌ଭାବେ ଚାଷକାମ କରିପାରିବେ ବୋଲି ଆଶା ରଖିଛନ୍ତି। ଅନ୍ୟପକ୍ଷରେ ବର୍ଷା ଅଭାବରୁ ଜଳଭଣ୍ଡାରରେ ମଧ ପାଣି କମ୍ ରହିଛି। ଏହା ମାତ୍ର ୨୦ରୁ୨୫ଦିନ ମଧରେ ସରିଯିବ ବୋଲି ଜଣାପଡ଼ିଛି। ବଡ଼ନାଳ ପ୍ରକଳ୍ପ ଉପରେ ୯୦ପ୍ରତିଶତ ଚାଷୀ ନିର୍ଭର କରୁଥିବାବେଳେ ଏ ବର୍ଷ ୧୮ହଜାର ୪୨୨ହେକ୍ଟର ଜମିରେ ଧାନଚାଷ ଲକ୍ଷ୍ୟ ରହିଛି। ଏବେ ପଦ୍ମପୁର ଅଞ୍ଚଳରେ ୨୦ଭାଗ ଚାଷୀ ବର୍ଷାପାଣିରେ ବୁଣା ଏବଂ ତଳି ପକେଇବା କାର୍ଯ୍ୟ କରିଥିବେ ବୋଲି କୃଷି ବିଭାଗ ଅନୁମାନ କରୁଛି। ଆଗକୁ ଲଘୁଚାପ ଯୋଗୁ ବଡନାଳର ଉପରମୁଣ୍ଡରେ ବର୍ଷା ହେଲେ ଜଳଭଣ୍ଡାରରେ ପାଣି ବଢ଼ିବ ବୋଲି ଅନୁମାନ କରାଯାଇଛି। ଏଠାରେ ବିପଦ ସଙ୍କେତ ୧୭୬ ମିଟର ରହିଥିବାବେଳେ ବର୍ତ୍ତମାନ ଜଳଭଣ୍ଡାରରେ୧୬୩. ୭୩ ମିଟର ଜଳ ରହିଥିବା ଜଣାପଡ଼ିଛି।



କେନ୍ଦୁଗୁଡ଼ା ବଡ଼ନାଳ ଜଳଭଣ୍ଡାର।

